ଶ୍ରୀ ବିମଳ ଏନ୍. ଦେସାଇ

ବନାମ

କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟମାନେ

ଏପ୍ରିଲ 25,2003

[ଶିବରାଜ ଭି. ପାଟିଲ୍ ଏବଂ ଅରିଜିତ୍ ପଶାୟତ, ନ୍ୟାୟମୂର୍ତ୍ତି ଦ୍ୱୟ]

*ପରିବେଶ ଆଇନ :*

*କର୍ଣ୍ଣାଟକ ସରକାରୀ ପାର୍କ (ସଂରକ୍ଷଣ) ଅଧିନିୟମ, 1975 :*

*ଧାରା 3 ଏବଂ 4 (2) - କବ୍ବନ୍ ପାର୍କର କ୍ଷେତ୍ରକୁ ଦର୍ଶାଇ 27.9.1983 ତାରିଖର ଅଧିସୂଚନା - ସରକାରୀ ନିର୍ମାଣ ଉଦ୍ଦେଶ୍ୟରେ କବ୍ବନ୍ ପାର୍କର କିଛି କ୍ଷେତ୍ରକୁ ବାଦ ଦେଇ 30.7.1998 ତାରିଖ ଆଉ ଏକ ଅଧିସୂଚନା ଜାରି - ଏହାର ବୈଧତା - ଧରି ନିଆଗଲା ଯେ , ପ୍ରସ୍ତାବିତ ନିର୍ମାଣରେ ହସ୍ତକ୍ଷେପ ନ କରି ତାକୁ ବନ୍ଦ କରିବାକୁ ଉଚ୍ଚ ନ୍ୟାୟଳୟ ତାଙ୍କ ରାୟରେ ପ୍ରତ୍ୟାଖ୍ୟାନ କଲେ - କିନ୍ତୁ ଥରେ ନିର୍ଦ୍ଧାରିତ କ୍ଷେତ୍ର ହିସାବରେ ସୂଚିତ ହେଲେ ଉକ୍ତ ଅଧିନିୟମର ଧାରା 3 କିମ୍ବା ସାଧାରଣ ଖଣ୍ଡ ଅଧିନିୟମର ଧାରା 21 ଉକ୍ତ କ୍ଷେତ୍ରଗୁଡ଼ିକରେ ଥିବା ଜମି ଏବଂ କୋଠା ଗୁଡ଼ିକୁ ହଟାଇବା ପାଇଁ ଲାଗୁ କରାଯିବ କି ନାହିଁ ବୋଲି ଏହି ପ୍ରଶ୍ନକୁ ଖୋଲା ଛାଡ଼ି ଦିଆଗଲା।*

**କର୍ଣ୍ଣାଟକ ବ୍ୟବସ୍ଥାପିକା, ରାଜ୍ୟରେ କେତେକ ସରକାରୀ ପାର୍କଗୁଡ଼ିକର ସଂରକ୍ଷଣ ସୁନିଶ୍ଚିତ କରିବା ପାଇଁ, କର୍ଣ୍ଣାଟକ ସରକାରୀ ପାର୍କ (ସଂରକ୍ଷଣ ) ଅଧିନିୟମ 1975 ପ୍ରଣୟନ କରିଥିଲେ , କିନ୍ତୁ ପାର୍କର ସୀମା ମଧ୍ୟରେ ଜମି କିମ୍ବା କୋଠାଗୁଡ଼ିକୁ ହଟାଇବା ରୁ ବ୍ୟବସ୍ଥାପିକା ଦୂରେଇ ରହିଥିଲେ । ଏହି ଅଧିନିୟମ ଅନୁଯାୟୀ ଜାରି ହୋଇଥିବା ଅଧିସୂଚନା ଅନୁଯାୟୀ, ଉଚ୍ଚ ନ୍ୟାୟାଳୟ , ବିଧାନସଭା, ବିଧାୟକମାନଙ୍କ ଗୃହ, ରାଜଭବନ, ଟେନିସ୍ ଷ୍ଟାଡିୟମ ଇତ୍ୟାଦି କୋଠାଗୁଡ଼ିକ ସହିତ ଆଖପାଖ ଅଞ୍ଚଳ ଯାହା ମଧ୍ୟରେ କବ୍ବନ୍ ପାର୍କ ଅନ୍ତର୍ଭୁକ୍ତ, ସେଗୁଡ଼ିକୁ ଏହି ଅଧିନିୟମ ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଥିଲା । ପରବର୍ତ୍ତୀ ସମୟରେ, 30.7.1998 ତାରିଖରେ ଅନ୍ୟ ଏକ ବିଶିଷ୍ଟ ଅଧିସୂଚନା ଦ୍ବାରା ଅଧିନିୟମର ଧାରା 3 ର ଉପଧାରା (1) ଏବଂ (2) ଅନୁଯାୟୀ 27.9.1983 ତାରିଖର ଅଧିସୂଚନା ଅଧୀନରେ ଅନ୍ତର୍ଭୁକ୍ତ କବ୍ବନ ପାର୍କର କିଛି ଅଂଶକୁ ଏକ ଜଳଭଣ୍ଡାର ଏବଂ ବିଧାୟକମାନଙ୍କ ଗୃହ ପରିସରରେ ଏକ ଅତିରିକ୍ତ କୋଠା ନିର୍ମାଣ ପାଇଁ ବାଦ**

ଦିଆଯାଇଥିଲା **।** **30.7.1998** ତାରିଖର ଅଧିସୂଚନାକୁ ମନମୁଖୀ ଦର୍ଶାଇ ଏବଂ ତାହା ସହରର ପରିବେଶଗତ ଆବଶ୍ୟକତାକୁ ଅଣଦେଖା କରୁଛି ଦର୍ଶାଇ ଏବଂ ତାହା ସମ୍ବିଧାନର ଅନୁଚ୍ଛେଦ **21**ର ଉଲ୍ଲଂଘନକାରୀ ବୋଲି ରଦ୍ଦ ହେବା ଯୋଗ୍ୟ ବୋଲି ଦର୍ଶାଇ ଲୋକ ହିତରେ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା **।** ଏହା ଯୁକ୍ତି କରାଗଲା ଯେ କବ୍ବନ ପାର୍କ କ୍ଷେତ୍ରର ପରିସୀମାକୁ ସୂଚିତ କରିବା ପରେ ଉକ୍ତ ଅଧିନିୟମର ଧାରା **3** ଅନୁଯାୟୀ କିମ୍ବା ସାଧାରଣ ଖଣ୍ଡ ଅଧିନିୟମର ଧାରା **21** ଅନୁଯାୟୀ ସରକାରଙ୍କର ଉକ୍ତ କ୍ଷେତ୍ରର କୌଣସି ଅଂଶକୁ ବାଦ୍ ଦେବା ପାଇଁ କୌଣସି କ୍ଷମତା ନାହିଁ **।** ତାରିଖ **27.9.1983** ଅଧିସୂଚନାରେ ନିର୍ଦ୍ଦିଷ୍ଟ ହୋଇଥିବା ଅନୁଯାୟୀ କବ୍ବନ୍ ପାର୍କକୁ ସମ୍ପୂର୍ଣ୍ଣ ପରିମାଣରେ ସଂରକ୍ଷଣ ଏବଂ ରକ୍ଷଣାବେକ୍ଷଣ କରିବାକୁ ନିର୍ଦ୍ଦେଶ ଦେବାକୁ ଉକ୍ତ ଲୋକହିତ ମାମଲାରେ ଅନୁରୋଧ କରାଯାଇଥିଲା ଏବଂ ପାର୍କର ସୂଚିତ ଅଞ୍ଚଳ ମଧ୍ୟରେ କୌଣସି ନିର୍ମାଣକୁ ଅନୁମତି ନଦେବାକୁ ମଧ୍ୟ ଅନୁରୋଧ କରାଯାଇଥିଲା **।ଉଚ୍ଚ** ନ୍ୟାୟାଳୟଙ୍କ ସମ୍ମୁଖରେ ସରକାରଙ୍କ ଆଭିମୁଖ୍ୟ ଥିଲା ଯେ ପ୍ରସ୍ତାବିତ ନିର୍ମାଣ ଅନିବାର୍ଯ୍ୟ ଏବଂ ସୂଚିତ ଅଞ୍ଚଳରୁ ଯେଉଁ ଜମିକୁ ବାଦ ଦିଆଯିବ ତାହା ସୂଚିତ ଅଞ୍ଚଳର ମାତ୍ର **3-4** ପ୍ରତିଶତ କ୍ଷେତ୍ରକୁ ସୂଚାଏ ଏବଂ କୌଣସି ଉଦ୍ଦେଶ୍ୟରେ ପାର୍କର ଖୋଲା ଅଞ୍ଚଳକୁ ଆଉ ବ୍ୟବହାର କରାଯିବ ନାହିଁ **।** ଉଚ୍ଚ ନ୍ୟାୟାଳୟ **30.7.1998** ତାରିଖର ଅଧିସୂଚନାର ବୈଧତାକୁ ସମର୍ଥନ କରିଥିଲେ ଏବଂ ପ୍ରସ୍ତାବିତ ନିର୍ମାଣକୁ ବନ୍ଦ କରିବାକୁ ମନା କରିଦେଇଥିଲେ **।ଏହି** ରାୟରେ ଅସନ୍ତୁଷ୍ଟ ହୋଇ**,** ଆଜ୍ଞାଦେଶ ଆବେଦନକାରୀ ବର୍ତ୍ତମାନର ଆବେଦନ ଦାଖଲ କଲେ **।**

ଏହି ଆବେଦନକୁ ଫଇସଲା କରିବାରେ ଏହି ନ୍ୟାୟାଳୟ

ରାୟ ଦେଲେ ଯେ **: 1.**କର୍ଣ୍ଣାଟକ ସରକାରୀ ପାର୍କ **(**ସଂରକ୍ଷଣ **)** ଅଧିନିୟମ **1975** ଧାରା **4** ର ଉପଧାରା **(2)** ରୁ ଏହ ସ୍ପଷ୍ଟ ଯେ ଉକ୍ତ ପାର୍କରୁ ଜମି କିମ୍ବା କୋଠାଗୁଡ଼ିକୁ ହଟାଇବାରୁ ଦୂରେଇ ରହିବା ନିମିତ୍ତ ଏବଂ ଉକ୍ତ ଧାରାକୁ ଉଲ୍ଲଂଘନ କରି କୌଣସି ଜମିକୁ ବ୍ୟବହାର କରିବାରୁ ମଧ୍ୟ ଦୂରେଇ ରହିବା ନିମିତ୍ତ ମଧ୍ୟ ଏକ ଆଦେଶ ରହିଛି **।** ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ପାର୍କରୁ ହଟାଯାଇଥିବା କୌଣସି ଜମି କିମ୍ବା କୋଠା କିମ୍ବା ଉକ୍ତ ଧାରାକୁ ଉଲ୍ଲଂଘନ କରି ପ୍ରଦାନ କରାଯାଇଥିବା କୌଣସି ଅନୁମତି ପତ୍ର ଅବୈଧ ହେବ **।** ତେବେ**,** ମାମଲାର ତଥ୍ୟ ଏବଂ ପରିସ୍ଥିତିରେ**,** ପ୍ରସ୍ତାବିତ ନିର୍ମାଣକୁ ବନ୍ଦ କରିବାକୁ ପ୍ରତ୍ୟାଖ୍ୟାନ କରି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ରାୟରେ କୌଣସି ବାଧା ନାହିଁ **।**

**2. ମାମଲାର ପ୍ରଦତ୍ତ ତଥ୍ୟ ଏବଂ ପରିସ୍ଥିତିରେ, ଆଇନର ନିମ୍ନଲିଖିତ ପ୍ରଶ୍ନଗୁଡ଼ିକୁ ଉନ୍ମୁକ୍ତ ରଖିବା ଉଚିତ ହେବ :**

**ଉକ୍ତ ପାର୍କର ପରିସର ମଧ୍ୟରେ ସୂଚିତ କ୍ଷେତ୍ରକୁ ହ୍ରାସ କରିବା ଉକ୍ତ ଅଧିନିୟମ କିମ୍ବା ଅନ୍ୟ କୌଣସି ବୈଧାନିକ କିମ୍ବା ସାମ୍ବିଧାନିକ ପ୍ରାବଧାନଗୁଡ଼ିକର ଉଲ୍ଲଂଘନ କି ; ମୁକ୍ତ କ୍ଷେତ୍ରକୁ ସଂରକ୍ଷଣ କରିବା ନିମିତ୍ତ ଉକ୍ତ ଅଧିନିୟମର ଉଦ୍ଦେଶ୍ୟକୁ ବିଫଳ କରିବାକୁ ଯାଇ ଏକଦା ସୂଚିତ ହୋଇଥିବା ଜମି କିମ୍ବା କୋଠାଗୁଡ଼ିକୁ ହଟାଇବା ନିମିତ୍ତ ଉକ୍ତ ଅଧିନିୟମର ଧାରା 3 କିମ୍ବା ସାଧାରଣ ଖଣ୍ଡ ଅଧିନିୟମର ଧାରା 21 କୁ ଏଠାରେ ଲାଗୁ କରାଯାଇ ପାରିବ କି ନାହିଁ ଏବଂ ଯେତେବେଳେ କି ଉକ୍ତ ଅଧିନିୟମର ମହାନ ଉଦ୍ଦେଶ୍ୟ ହେଉଛି, ସ୍ୱାସ୍ଥ୍ୟକର ଏବଂ ପରିବେଶ ହିତକର ସ୍ଥିତି କୁ ବଜାୟ ରଖିବା , ସେହି ସ୍ଥଳରେ ସଂରକ୍ଷିତ କ୍ଷେତ୍ରକୁ ହ୍ରାସ କରିବା ପାଇଁ ଜାରି ହୋଇଥିବା ଅଧିସୂଚନା ଉକ୍ତ ଅଧିନିୟମର ପ୍ରାବଧାନଗୁଡ଼ିକର ଉଲ୍ଲଂଘନ ହେବେ କି ?**

ଦେୱାନୀ ଆବେଦନ କ୍ଷେତ୍ରାଧିକାର : ଦେୱାନୀ ଆବେଦନ ସଂଖ୍ୟା 3714/2003

ଆଜ୍ଞାଦେଶ ଆବେଦନ ସଂଖ୍ୟା 19541/1999 ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କର 13.8.2001 ତାରିଖର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ତାରା ଚନ୍ଦ୍ର ଶର୍ମା, ଏମ୍. ଜି. ମୁମାର, ଶ୍ରୀମତୀ ରଜନୀ କେ. ପ୍ରସାଦ ।

ଉତ୍ତରଦାତାମାନଙ୍କ ତରଫରୁ ସଞ୍ଜୟ ଆର. ହେଗଡେ, ସତ୍ୟ ମିତ୍ର, ଅନିଲ କେ. ମିଶ୍ର ଏବଂ କେ. ଆର. ନାଗରାଜ ।

**ନ୍ୟାୟମୂର୍ତ୍ତି ଶିବରାଜ ଭି ପାଟିଲଙ୍କ** ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

ନ୍ୟାୟାଳୟଙ୍କର ଅନୁମତି ପ୍ରଦାନ କରାଗଲା ।

ଏହି ଆବେଦନରେ ଆବେଦନକାରୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 19541/1999 ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ହୋଇଥିବା 13.8.2001 ତାରିଖର ଆଦେଶର ବୈଧତା ଏବଂ ସଠିକତା ଉପରେ ପ୍ରଶ୍ନ କରିଛନ୍ତି ।

ଲୋକହିତ ସାଧନ ଉଦ୍ଦେଶ୍ୟରେ କେତେ ଗୁଡ଼ିଏ ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଏକ ସାମୂହିକ ଆଦେଶ ଦ୍ୱାରା ସେହି ଆଜ୍ଞାଦେଶ ଆବେଦନଗୁଡ଼ିକର ସମାଧାନ କରିଥିଲେ ।ଆଜ୍ଞାଦେଶ ଆବେଦନଗୁଡ଼ିକ ମଧ୍ୟରୁ ଆବେଦନ ସଂଖ୍ୟା 19541/1999 କୁ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିଲା ।କର୍ଣ୍ଣାଟକ ସରକାରୀ ପାର୍କ (ସଂରକ୍ଷଣ) ଅଧିନିୟମ, 1975 (ସଂକ୍ଷିପ୍ତରେ 'ଅଧିନିୟମ') ର ଧାରା 3 ର ଉପ-ଧାରା (1) ଏବଂ (2) ଅନୁଯାୟୀ କ୍ଷମତା ପ୍ରୟୋଗ କରି ଜାରି କରାଯାଇଥିବା 30.7.1998 ତାରିଖର ଅଧିସୂଚନା ଉକ୍ତ ଆଜ୍ଞାଦେଶ ଆବେଦନରେ ଆପତ୍ତି କରାଯାଇଥିଲା; 27.9.1983 ତାରିଖ ର ଅଧିସୂଚନାରେ ଧାର୍ଯ୍ୟ କରାଯାଇଥିବା ଅନୁଯାୟୀ କବ୍ବନ୍ ପାର୍କକୁ ସମ୍ପୂର୍ଣ୍ଣ ପରିମାଣରେ ସଂରକ୍ଷଣ ଏବଂ ରକ୍ଷଣାବେକ୍ଷଣ କରିବାକୁ ଏବଂ ବିଧାୟକମାନଙ୍କ ଗୃହ ଓ LRDE- ବୈଦ୍ୟୁତିକ ଏବଂ ରାଡ଼ାର ଉନ୍ନତି ପ୍ରତିଷ୍ଠାନ (ଏକ କେନ୍ଦ୍ର ସରକାରୀ ସଂଗଠନ) ସଂଲଗ୍ନ କୌଣସି ନିର୍ମାଣକୁ ଅନୁମତି ନଦେବାକୁ ଏକ ନିର୍ଦ୍ଦେଶ କୁ ମଧ୍ୟ ଅନୁରୋଧ କରାଯାଇଥିଲା । ଏହି ଅଧିନିୟମଟି 4ଟି ଧାରାକୁ ନେଇ ଗଠିତ ଏକ ସଂକ୍ଷିପ୍ତ ଅଧିନିୟମ ।ବିବାଦରେ ଜଡ଼ିତ ଥିବା ପ୍ରାସଙ୍ଗିକ ଧାରା ହେଉଛି ଧାରା 3 କୁ ନିମ୍ନରେ ଦିଆଗଲା : -

" ଧାରା 3. ଏହି ଅଧିନିୟମର ପ୍ରୟୋଗ

(1) ଏହି ଅଧିନିୟମ, ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଏଭଳି ପାର୍କଗୁଡ଼ିକର ସୀମା ମଧ୍ୟରେ ଥିବା ସମସ୍ତ ଜମି ଏବଂ କୋଠା ଉପରେ ଲାଗୁ ହେବ, ଯାହା ରାଜ୍ୟ ସରକାର ସମୟରୁ ସମୟ କ୍ରମେ ସରକାରୀ ରାଜପତ୍ରରେ ଅଧିସୂଚନା ଦ୍ୱାରା ଧାର୍ଯ୍ୟ କରିପାରିବେ ;

(2) ଉପଧାରା (1) ରେ ସୂଚିତ ହୋଇଥିବା ଅଧିସୂଚନା ଯଥାସମ୍ଭବ ଏଭଳି ପାର୍କର ସ୍ଥିତି ଏବଂ ସୀମାକୁ ଧାର୍ଯ୍ୟ କରିବ । ”

ନିଶ୍ଚିତ ରୂପେ ଏହି ଅଧିନିୟମର ମହାନ ଉଦ୍ଦେଶ୍ୟ ଥିଲା ଜନସାଧାରଣଙ୍କୁ ମନୋରଞ୍ଜନ ସୁବିଧା ପ୍ରଦାନ କରିବା ସହିତ ସୁସ୍ଥ ଏବଂ ପରିବେଶ ଅନୁକୂଳ ସ୍ଥିତି ସୃଷ୍ଟି ଏବଂ ବଜାୟ ରଖିବା ପାଇଁ ମୁକ୍ତ ସ୍ଥଳଗୁଡ଼ିକରେ ଥିବା ପାର୍କଗୁଡ଼ିକର ସଂରକ୍ଷଣ କରିବା । ଏହି ଅଧିନିୟମ ଅନୁଯାୟୀ 27.9.1983 ତାରିଖରେ ସରକାରଙ୍କ 13.9.1975 ତାରିଖର ପୂର୍ବ ଅଧିସୂଚନାର ସଂଶୋଧନରେ ଆଉ ଏକ ଅଧିସୂଚନା ଜାରି କରାଯାଇଥିଲା । 1983ର ଉକ୍ତ ଅଧିସୂଚନାରେ, ଉଚ୍ଚ ନ୍ୟାୟାଳୟ , ବିଧାନ ସୌଧ, ବିଧାୟକମାନଙ୍କ ଗୃହ, ରାଜଭବନ, ଟେନିସ୍ ଷ୍ଟାଡିୟମ ପରିସର ଇତ୍ୟାଦି କୋଠା

ସହିତ ଆଖପାଖ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ପ୍ରସିଦ୍ଧ "କବ୍ବନ୍ ପାର୍କ" ଉକ୍ତ ଅଞ୍ଚଳ ମଧ୍ୟରେ ଅନ୍ତର୍ଭୁକ୍ତ । ଉକ୍ତ ପାର୍କଟି ଏକ ବହୁତ ପୁରୁଣା ପାର୍କ ଯାହା କୃଷି ଉଦ୍ୟାନ ଏବଂ ବଗିଚା ଭାବରେ ବିକଶିତ ହୋଇଛି । ପକ୍ଷମାନଙ୍କ ମଧ୍ୟରେ ଏହି କାରଣ କୁ ନେଇ କୌଣସି ବିବାଦ ନଥିଲା ଯେ ବିଦ୍ୟମାନ କୋଠା କିମ୍ବା ନିର୍ମାଣଗୁଡ଼ିକୁ ହଟାଇବା କିମ୍ବା ପ୍ରଭାବିତ ନ କରିବା ଏବଂ ଏହି କୋଠାଗୁଡ଼ିକର ଚାରିପାଖରେ ଥିବା ମୁକ୍ତ ସ୍ଥାନର ସଂରକ୍ଷଣ କରିବା ହେଉଛି ଏହି ଅଧିନିୟମର ଉଦ୍ଦେଶ୍ୟ । ଉଚ୍ଚ ନ୍ୟାୟାଳୟ ରେ ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନରେ ଯେଉଁ ପ୍ରଶ୍ନ ବିଚାର ପାଇଁ ଉଠିଥିଲା, ତାହା ଥିଲା, 1998ର ବିବାଦୀୟ ଅଧିସୂଚନା ଆଧାରରେ 1983ରେ ସୂଚିତ କ୍ଷେତ୍ରକୁ ହ୍ରାସ କରିବା ଏହି ଅଧିନିୟମର ପ୍ରାବଧାନ କିମ୍ବା ସମ୍ବିଧାନର ଅନୁଚ୍ଛେଦ 21 ଭଳି ଅନ୍ୟ କୌଣସି ବୈଧାନିକ କିମ୍ବା ସାମ୍ବିଧାନିକ ପ୍ରାବଧାନର ଉଲ୍ଲଙ୍ଘନ କି ?1998ର ଅଧିସୂଚନାରୁ ଏହା ସ୍ପଷ୍ଟ ହୋଇଥିଲା ଯେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିର୍ମାଣକୁ ତ୍ୱରାନ୍ୱିତ କରିବା ଏହାର ଉଦ୍ଦେଶ୍ୟ ଥିଲା, ଯଥାଃ (1) ବିଧାୟକମାନଙ୍କ ସଂଲଗ୍ନ ଗୃହ ଏବଂ (2) ଜଳ ଯୋଗାଣକୁ ସୁଗମ କରିବା ପାଇଁ LRDE ପରିସରରେ ଭୂତଳ ଜଳଭଣ୍ଡାର ନିର୍ମାଣ ।ଏହା କୁହାଯାଇଛି ଯେ ବିଧାୟକମାନଙ୍କ ଗୃହ ପରିସରରେ ଅତିରିକ୍ତ କୋଠା ନିର୍ମାଣ ପାଇଁ ପ୍ରାୟ ଅଧା ଏକର ଜମି ଆବଶ୍ୟକ ଏବଂ ଜଳଭଣ୍ଡାର ପାଇଁ 1.75 ଏକର ଜମି ଆବଶ୍ୟକ । ଯଦି ଏହି ନିର୍ମାଣ କାର୍ଯ୍ୟ ହାତକୁ ନେବାକୁ ହୁଏ, ତେବେ 30ଟି ଅଶୋକ ଗଛ ଏବଂ 15ଟି ପୁରୁଣା ଗଛଗୁଡ଼ିକୁ ହଟାଇବାକୁ ପଡ଼ିବ । ପ୍ରତି ଶପଥ ପତ୍ରରେ ନିର୍ଦ୍ଦିଷ୍ଟ ଭାବେ କୁହାଯାଇଛି ଯେ ଗଛ କାଟିବା ଏବଂ ହଟାଇବା ଦୃଷ୍ଟିରୁ ସେହି ସ୍ଥାନରେ ଏବଂ ଏହାର ଆଖପାଖରେ ଅଧିକ ସଂଖ୍ୟକ ବୃକ୍ଷ ରୋପଣ କରାଯିବ ଏବଂ ଭୂତଳ ଜଳଭଣ୍ଡାର ନିର୍ମାଣ ହେବା ପରେ ମଧ୍ୟ ପାର୍କର କ୍ଷେତ୍ରର ବିକାଶ ଏବଂ ପୋଷଣ କରାଯିବ ।ଆପତ୍ତି ବିବୃତିରେ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ବିଦ୍ୱାନ ମହାଧିବକ୍ତାଙ୍କ ଦ୍ୱାରା ଆଗତ ଯୁକ୍ତି ସମୟରେ, ଏହା ସୂଚିତ କରାଯାଇଛି ଯେ ଏହି ନିର୍ମାଣ ଅନିବାର୍ଯ୍ୟ ଅଟେ ଏବଂ ନିତାନ୍ତ ଆବଶ୍ୟକ । ଏହା ମଧ୍ୟ ଦର୍ଶାଯାଇଥିଲା ଯେ ସୂଚିତ କ୍ଷେତ୍ରରୁ ଏହି କ୍ଷେତ୍ରକୁ ବାଦ ଦେବା ପୂର୍ବରୁ ସୂଚିତ ହୋଇଥିବା ମୋଟ କ୍ଷେତ୍ରର ମାତ୍ର 3 ରୁ 4 ପ୍ରତିଶତ ଅଟେ ଏବଂ କୌଣସି ଉଦ୍ଦେଶ୍ୟରେ ମୁକ୍ତ ଅଞ୍ଚଳକୁ ଆଉ ବ୍ୟବହାର କରାଯିବ ନାହିଁ । ବିଦ୍ୱାନ ମହାଧିବକ୍ତାଙ୍କ ଦ୍ୱାରା ଏହା ମଧ୍ୟ ଦାଖଲ କରାଯାଇଥିଲା ଯେ ଯଥାସମ୍ଭବ ମୁକ୍ତ ସ୍ଥାନଗୁଡ଼ିକୁ ପ୍ରଭାବିତ ନ କରି ରାଜ୍ୟ ସରକାର କବ୍ବନ୍ ପାର୍କର ସଂରକ୍ଷଣ ଏବଂ ବିକାଶ ପ୍ରତି ସଚେତନ ଥିଲେ ।

ଆଜ୍ଞାଦେଶ ଆବେଦନକାରୀଙ୍କ ତରଫରୁ, ଏହା ଅନୁରୋଧ କରାଯାଇଥିଲା ଯେ ବିବାଦୀୟ ଅଧିସୂଚନା ଉକ୍ତ ଅଧିନିୟମର ପ୍ରାବଧାନଗୁଡ଼ିକୁ ଉଲ୍ଲଂଘନ କରିଛି ; ସରକାର କବ୍ବନ୍ ପାର୍କର ସୀମାକୁ ସୂଚିତ କରିବା ପରେ, ବାସ୍ତବରେ ଏପରି ପାର୍କର ଅସ୍ତିତ୍ୱକୁ ସ୍ୱୀକାର କରି, ସେହି ଅଞ୍ଚଳର

କୌଣସି ଅଂଶକୁ ବାଦ ଦେବାର ତାଙ୍କର କୌଣସି କ୍ଷମତା ନଥିଲା; ଅଧିନିୟମ 3 ଅନୁଯାୟୀ କିମ୍ବା ସାଧାରଣ ଖଣ୍ଡ ଅଧିନିୟମର ଧାରା 21 ଅନୁଯାୟୀ, କୌଣସି ଅଞ୍ଚଳକୁ ସୂଚିତ ହେବା ପରେ ଏହାକୁ ହଟାଇ ଦିଆଯାଇପାରିବ ନାହିଁ; ଏପରି ଅଞ୍ଚଳକୁ ବାଦ ଦେବା ସୁସ୍ଥ ପରିବେଶ ପାଇଁ କ୍ଷତିକାରକ ଏବଂ ଫଳସ୍ୱରୂପ ତାହା ଦ୍ୱାରା ପାର୍କର କ୍ଷେତ୍ର ମଧ୍ୟ ହ୍ରାସ ପାଇବ; ବିବାଦୀୟ ଅଧିସୂଚନା ଜାରି କରିବାରେ ରାଜ୍ୟ ସରକାରଙ୍କର ନିଷ୍ପତ୍ତି ମନମୁଖୀ ଥିଲା ଏବଂ ତାହା ସହରର ପରିବେଶ ଜନିତ ଆବଶ୍ୟକତାଗୁଡ଼ିକୁ ଅଣଦେଖା କରିଥିଲା । ଉପସ୍ଥାପନାଟି ଥିଲା ଯେ ବିବାଦୀୟ ଅଧିସୂଚନା ଏହି ଆଧାରରେ ରଦ୍ଦ ହେବା ଯୋଗ୍ୟ ଯେ ଏହା ସମ୍ବିଧାନର ଅଣୁଚ୍ଛେଦ 14 ଏବଂ 21କୁ ଉଲ୍ଲଂଘନ କରୁଛି ଏବଂ ପାର୍କର ଉକ୍ତ କ୍ଷେତ୍ର ମଧ୍ୟରେ ପ୍ରସ୍ତାବିତ ନିର୍ମାଣକୁ ଆଦୌ ଅନୁମତି ଦିଆଯିବା ଉଚିତ ନୁହେଁ ।

ଆମ ସମ୍ମୁଖରେ ସମ୍ପୃକ୍ତ ପକ୍ଷମାନଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଅଧିବକ୍ତା ସେମାନଙ୍କ ଯୁକ୍ତିରେ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଦିଆଯାଇଥିବା ଉପରୋକ୍ତ ଉପସ୍ଥାପନାଗୁଡ଼ିକୁ ଦୋହରାଇଥିଲେ ।

ଆକ୍ଷେପିତ ରାୟରୁ ଯାହା ସ୍ପଷ୍ଟ ହୋଇଛି, ତାହା ହେଉଛି ଉଚ୍ଚ ନ୍ୟାୟାଳୟ ଏହି ନ୍ୟାୟାଳୟଙ୍କର ବିଭିନ୍ନ ନିଷ୍ପତ୍ତିକୁ ଉଲ୍ଲେଖ କରି ପକ୍ଷମାନଙ୍କ ତରଫରୁ କରାଯାଇଥିବା ଉପସ୍ଥାପନାଗୁଡ଼ିକ ଉପରେ ବିଚାର କରିବା ପରେ ଏବଂ ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ଉପଯୁକ୍ତ ଧ୍ୟାନ ଦେଇ, ଏକ ସାମୂହିକ ଏବଂ ବ୍ୟବହାରିକ ଦୃଷ୍ଟିକୋଣ ଆପଣେଇ, ବିବାଦୀୟ ଅଧିସୂଚନାକୁ ରଦ୍ଦ କରିବାକୁ ମନା କରିଦେଇଥିଲେ । ଉଚ୍ଚ ନ୍ୟାୟାଳୟ ଏହାର ବୈଧତାକୁ ବଜାୟ ରଖିଥିଲେ ଏବଂ ପ୍ରସ୍ତାବିତ ଦୁଇଟି ନିର୍ମାଣକୁ ବନ୍ଦ କରିବାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ତଥାପି, ଆଜ୍ଞାଦେଶ ଆବେଦନକାରୀମାନଙ୍କ ତରଫରୁ ପ୍ରକାଶ ପାଇଥିବା ଆଶଙ୍କା ଯାହାକି ଏଭଳି ଯେ କବନ୍ ପାର୍କ ଅଞ୍ଚଳକୁ ହ୍ରାସ କରି ସେଥିରେ ନିର୍ମାଣ ଜାରି ରଖିବା ଏବଂ ସେଠାରୁ କିଛି କ୍ଷେତ୍ରକୁ ହ୍ରାସ କରିବା ପାଇଁ ଆହୁରି କିଛି ଅଧିସୂଚନା ଜାରି ହୋଇପାରେ ବୋଲି ଦର୍ଶାଇ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଲେ ଯେ ନୂତନ ନିର୍ମାଣ ପାଇଁ ଏହାଙ୍କ ଠାରୁ ଅନୁମତି ନ ପାଇ , ବିବାଦୀୟ ଅଧିନିୟମରେ ଧାର୍ଯ୍ୟ କରାଯାଇଥିବା ଉକ୍ତ ପାର୍କର ସୀମା ମଧ୍ୟରେ ଥିବା ମୁକ୍ତ କ୍ଷେତ୍ରରେ ଉପରୋକ୍ତ ଦୁଇଟି ନିର୍ମାଣ ଛଡ଼ା ଆଉ କୌଣସି ନିର୍ମାଣ କରାଯିବ ନାହିଁ ।

ଏହି ଅଧିନିୟମର ଉଦ୍ଦେଶ୍ୟ ଏବଂ କାରଣର ବିବୃତିରୁ ଏହା ସ୍ପଷ୍ଟ ହୋଇଛି ଯେ କର୍ଣ୍ଣାଟକ ରାଜ୍ୟରେ କେତେକ ସରକାରୀ ପାର୍କଗୁଡ଼ିକୁ ଉଦ୍ୟାନ ଭାବେ ସଂରକ୍ଷଣ ଏବଂ ରକ୍ଷଣାବେକ୍ଷଣ କରିବା ଏବଂ ସେଗୁଡ଼ିକର ଉପଯୋଗିତାକୁ ଏହିପରି ଉଦ୍ୟାନ ଭାବେ ଉନ୍ନତ କରିବା ଉଦ୍ଦେଶ୍ୟରେ

ଏହା ପ୍ରଣୟନ କରାଯାଇଥିଲା।ଏପରି ପାର୍କରେ ଥିବା ଜମି କିମ୍ବା କୋଠାର କୌଣସି ଅଂଶକୁ ହଟାଇବା ପାଇଁ ବାରଣ କରିବାକୁ ଏଠାରେ ପ୍ରସ୍ତାବ ଦିଆଯାଇଛି । ଏହି ଅଧିନିୟମ ମୁଖବନ୍ଧରେ କୁହାଯାଇଛି ଯେ : -

" କର୍ଣ୍ଣାଟକ ରାଜ୍ୟରେ କେତେକ ସରକାରୀ ପାର୍କଗୁଡ଼ିକର ସଂରକ୍ଷଣକୁ ସୁନିଶ୍ଚିତ କରିବା ପାଇଁ ପ୍ରାବଧାନ ରଖିବା ନିମିତ୍ତ ଏକ ଅଧିନିୟମ ।

କର୍ଣ୍ଣାଟକ ରାଜ୍ୟରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା କେତେକ ପାର୍କଗୁଡ଼ିକର ସଂରକ୍ଷଣ ଲୋକହିତ ଦୃଷ୍ଟିରୁ ସମୀଚୀନ ।

ଭାରତ ଗଣରାଜ୍ୟର ଛବିଶତମ ବର୍ଷ ରେ କର୍ଣ୍ଣାଟକ ରାଜ୍ୟ ବ୍ୟବସ୍ଥାପିକା ଦ୍ୱାରା ଏହାକୁ ନିମ୍ନମତେ ପ୍ରଣୟନ କରାଗଲା । "

ଏହି ଅଧିନିୟମ ଶୀର୍ଷକ ହେଉଛି "କର୍ଣ୍ଣାଟକ ସରକାରୀ ପାର୍କ (ସଂରକ୍ଷଣ) ଅଧିନିୟମ, 1975"।ଏହି ଅଧିନିୟମର ଧାରା 4 ଅନୁଯାୟୀ, ଯେଉଁ ପାର୍କଗୁଡ଼ିକ ପାଇଁ ଏହି ଆଇନ ଲାଗୁ ହୋଇଛି, ସେଗୁଡ଼ିକୁ କୃଷିଉଦ୍ୟାନ ଭାବେ ସଂରକ୍ଷଣ ଏବଂ ରକ୍ଷଣାବେକ୍ଷଣ କରିବା ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ ହେବ ଏବଂକୃଷି ଉଦ୍ୟାନ ଭାବେ  ସେହି ପାର୍କଗୁଡ଼ିକର ଉପଯୋଗୀତାରେ ଉନ୍ନତି ଆଣିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ । ଧାରା 4 ର ଉପଧାରା (2) : -

> " ( 2) ଏହି ଅଧିନିୟମ ଲାଗୁ ହେଉଥିବା ପାର୍କ ମଧ୍ୟରେ ଥିବା କୌଣସି ଜମି କିମ୍ବା କୋଠାକୁ ବିକ୍ରୟ  , ଭଡ଼ା , ଉପହାର , ବିନିମୟ , ବନ୍ଧକ କିମ୍ବା ଅନ୍ୟ କୌଣସି ଉପାୟରେ ହଟାଇ ଦିଆଯାଇପାରିବ ନାହିଁ କିମ୍ବା ଏପରି କୌଣସି ଜମି କିମ୍ବା କୋଠାର ବ୍ୟବହାର ପାଇଁ କୌଣସି ଅନୁମତି ପତ୍ର ପ୍ରଦାନ କରାଯିବ ନାହିଁ ଏବଂ ଏହି ଧାରାର ଉଲ୍ଲଙ୍ଘନରେ କୌଣସି ଜମି କିମ୍ବା କୋଠା କୁ ହଟାଇ ଦିଆଯାଇଥିବା କିମ୍ବା ଅନୁମତି ପତ୍ର କାର୍ଯ୍ୟ ରଦ୍ଦ ହେବ ।
>
> ଉଲ୍ଲେଖଥାଉକି, ଏହି ଅଧିନିୟମ ବଳବତ୍ତର ହେବା ତାରିଖରେ ବିଦ୍ୟମାନ କୋଠାଗୁଡ଼ିକ କ୍ଷେତ୍ରରେ ଏହି ଉପଧାରା ଅନୁଯାୟୀ ଭଡ଼ା ନିମିତ୍ତ ଅନୁମତି ପତ୍ର ଦେବା ଉପରେ କଟକଣା ଲାଗୁ ହେବ ନାହିଁ ।

ଉପରୋକ୍ତରେ ଉଦ୍ଧୃତ ଉପଧାରା (2) ରୁ ଏହ ସ୍ପଷ୍ଟ ଯେ ଉକ୍ତ ପାର୍କରୁ ଜମି କିମ୍ବା କୋଠାଗୁଡ଼ିକୁ ହଟାଇବାରୁ ଦୂରେଇ ରହିବା ଏବଂ ଉକ୍ତ ଧାରାକୁ ଉଲ୍ଲଂଘନ କରି କୌଣସି ଜମିକୁ

ବ୍ୟବହାର କରିବାରୁ ମଧ୍ଯ ଦୂରେଇ ରହିବା ନିମିତ୍ତ ଏକ ଆଦେଶ ରହିଛି । ଏହା ମଧ୍ଯ ସ୍ପଷ୍ଟ କରାଯାଇଛି ଯେ ପାର୍କରୁ ହଟାଯାଇଥିବା କୌଣସି ଜମି କିମ୍ବା କୋଠା କିମ୍ବା ଉକ୍ତ ଧାରାକୁ ଉଲ୍ଲଂଘନ କରି ପ୍ରଦାନ କରାଯାଇଥିବା କୌଣସି ଅନୁମତି ପତ୍ର ଅବୈଧ ହେବ ।

ଏହି ଅଧିନିୟମରେ ରଖାଯାଇଥିବା ଏହି ସ୍ପଷ୍ଟ ବୈଧାନିକ ପ୍ରାବଧାନଗୁଡ଼ିକୁ ଦୃଷ୍ଟିରେ ରଖି, ଆମେ ଆବେଦନକାରୀଙ୍କ ତରଫରୁ ଆଗତ ଦାଖଲରେ କିଛି ସାର ମର୍ମ ପାଇଛୁ ।ଏହି ପରିସ୍ଥିତିରେ, ଯଦିଓ ଆମେ ବିବାଦୀୟ ରାୟ ଏବଂ ଆଦେଶରେ ବାଧା ସୃଷ୍ଟି କରିବାକୁ ଆଗ୍ରହୀ ନୋହୁଁ, ମାମଲାରେ ପ୍ରଦତ୍ତ ତଥ୍ୟ ଏବଂ ପରିସ୍ଥିତିରେ, ଆମେ ଭାବୁଛୁ ଯେ ଆଇନର ପ୍ରଶ୍ନଗୁଡ଼ିକୁ ଖୋଲା ରଖିବା ଉପଯୁକ୍ତ ।

ଉକ୍ତ ପାର୍କର ପରିସର ମଧ୍ୟରେ ସୂଚିତ କ୍ଷେତ୍ରକୁ ହ୍ରାସ କରିବା ଉକ୍ତ ଅଧିନିୟମ କିମ୍ବା ଅନ୍ୟ କୌଣସି ବୈଧାନିକ କିମ୍ବା ସାମ୍ବିଧାନିକ ପ୍ରାବଧାନଗୁଡ଼ିକର ଉଲ୍ଲଂଘନ କି ; ମୁକ୍ତ କ୍ଷେତ୍ରକୁ ସଂରକ୍ଷଣ କରିବା ନିମିତ୍ତ ଉକ୍ତ ଅଧିନିୟମର ଉଦ୍ଦେଶ୍ୟକୁ ବିଫଳ କରିବାକୁ ଯାଇ ଏକଦା ସୂଚିତ ହୋଇଥିବା ଜମି କିମ୍ବା କୋଠାଗୁଡ଼ିକୁ ହଟାଇବା ନିମିତ୍ତ ଉକ୍ତ ଅଧିନିୟମର ଧାରା 3 କିମ୍ବା ସାଧାରଣ ଖଣ୍ଡ ଅଧିନିୟମର ଧାରା 21 କୁ ଏଠାରେ ଲାଗୁ କରାଯାଇ ପାରିବ କି ନାହିଁ ଏବଂ ଯେତେବେଳେ କି ଉକ୍ତ ଅଧିନିୟମର ମହାନ ଉଦ୍ଦେଶ୍ୟ ହେଉଛି, ସ୍ୱାସ୍ଥ୍ୟକର ଏବଂ ପରିବେଶ ହିତକର ସ୍ଥିତି କୁ ବଜାୟ ରଖିବା , ସେହି ସ୍ଥଳରେ ସଂରକ୍ଷିତ କ୍ଷେତ୍ରକୁ ହ୍ରାସ କରିବା ପାଇଁ ଜାରି ହୋଇଥିବା ଅଧିସୂଚନା ଉକ୍ତ ଅଧିନିୟମର ପ୍ରାବଧାନଗୁଡ଼ିକର ଉଲ୍ଲଂଘନ ହେବେ କି ? ବିବାଦୀୟ ରାୟରେ ଏହି ପ୍ରସଙ୍ଗରେ ଉଚ୍ଚ ନ୍ୟାୟାଳୟଙ୍କ ମତକୁ ସ୍ୱୀକାର କରିବାରେ ଆମେ କୌଣସି ମତ ପ୍ରକାଶ କରୁନାହୁଁ । ଯେହେତୁ ଆମେ ଉଚ୍ଚ ନ୍ୟାୟାଳୟଙ୍କର ବିବାଦୀୟ ରାୟ ଏବଂ ଆଦେଶରେ ହସ୍ତକ୍ଷେପ କରିବାକୁ ଆଗ୍ରହୀ ନୋହୁଁ, ତେଣୁ ଆମେ ଏହି ଆବେଦନରେ ଏହି ପ୍ରଶ୍ନଗୁଡ଼ିକୁ ଆଉ ଯାଞ୍ଚ କରିବାକୁ କୌଣସି ପ୍ରସ୍ତାବ ଦେଉ ନାହୁଁ ।

ଫଳସ୍ୱରୂପ, ଉପରୋକ୍ତ କାରଣଗୁଡ଼ିକ ପାଇଁ, ବିବାଦୀୟ ରାୟ ଏବଂ ଆଦେଶରେ ହସ୍ତକ୍ଷେପ କରିବାକୁ ଅସ୍ୱୀକାର କରି, ଭବିଷ୍ୟତରେ ପରିସ୍ଥିତି ଅନୁଯାୟୀ ଆଇନର ଏହି ପ୍ରଶ୍ନଗୁଡ଼ିକର ନିଷ୍ପତ୍ତି ନେବା ପାଇଁ ଆମେ ଏଗୁଡ଼ିକୁ ଖୋଲା ରଖୁଛୁ । ଉପରୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଆବେଦନଟିର ଫଏସଲା କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍. ପି. ଆବେଦନର ଫଏସଲା କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।